## ହର୍ ଘର୍ ତ୍ରିରଙ୍ଗା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ହର୍ ଘର୍ ତିରଙ୍ଗା' ଅଭିଯାନ ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ଭାରତୀୟ ପରିବାରକୁ ଗତ ୯ ତାରିଖରୁ ସ୍ୱାଧୀନ ଦିବସ ପର୍ଯ୍ୟନ୍ତ ନିଜ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହିକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆଜି ସକାଳ ୯ଟାରେ ଲିଙ୍ଗରାଜ ମନ୍ଦିର ଭଜନମଣ୍ଡପଠାରୁ ମୁକ୍ତେଶ୍ୱର ମନ୍ଦିର ପର୍ଯ୍ୟନ୍ତ ହର୍ ଘର୍ ତିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହେବ । ସେହିଭଳି ହର୍ ଘର୍ ତିରଙ୍ଗା ଅଭିଯାନକୁ ସଫଳ କରିବା ପାଇଁ ମିଶନ ଶକ୍ତିର ସଦସ୍ୟମାନେ ରାଜ୍ୟରେ ୫୪ଲକ୍ଷ ତ୍ରିରଙ୍ଗା ପ୍ରସ୍ତୁତି କରିବାରେ ଲାଗିଛନ୍ତି । ଏ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ହର୍ ଘର୍ ତ୍ରିରଙ୍ଗା ପାଇଁ ତ୍ରିରଙ୍ଗା ପ୍ରସ୍ତୁତି କେବଳ ଏକ ଦାୟିତ୍ୱର ସୁପରିଚାଳନା ନୁହଁ ବରଂ ଆତ୍ମନିର୍ଭର ଭାରତର ଆତ୍ମନିର୍ଭରଶୀଳ ମହିଳାମାନଙ୍କ ପରିଚୟ ।

## ବିଦ୍ୟାଳୟ-ହର ଘର ତିରଙ୍ଗା

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ ସମେତ ଘରେ ଘରେ ତ୍ରିରଙ୍ଗା ଅଭିଯାନ ପାଳନ ହେଉଛି । କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର

ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯିବା ସହ ଛାତ୍ରଛାତ୍ରୀମାନେ ତ୍ରିରଙ୍ଗା ସହ ସେଲ୍‌ଫି ଉଠାଇବାକୁ କୁହାଯାଇଛି । ଏହାକୁ **www.harghartiranga.com**ରେ ଅପଲ୍‌ଲୋଡ କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି ।

## ମୁଖ୍ୟମନ୍ତ୍ରୀ-ସଡ଼କ ପ୍ରକଳ୍ପ

ରାଜ୍ୟର ୪ଟି ସଡ଼କ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୫ହଜାର କୋଟି ଟଙ୍କା ମଞ୍ଜୁର କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୂଚନା ଦେଇଛନ୍ତି । ନୂଆଦିଲ୍ଲୀରେ ଗତକାଲି ଅନୁଷ୍ଠିତ ଜାତୀୟ ରାଜପଥ ପ୍ରାଧିକରଣର ସମୀକ୍ଷା ବୈଠକରେ ଯୋଗଦେବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଏଥିରେ ପୁରୀ-ଭୁବନେଶ୍ୱର ୬ଲେନ୍ ରାସ୍ତା, ଚଣ୍ଡିଖୋଲ-ବଡବିଲ, କେସିଙ୍ଗା-ଜୁନାଗଡ ଏବଂ ଖୋର୍ଦ୍ଧା-ନୟାଗଡ ରାସ୍ତାର ଉନ୍ନତିକରଣ କରାଯିବ ।

## ଅଙ୍ଗଦାନ-ସୂରଜ ପୁରସ୍କାର

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗତକାଲି ଅଙ୍ଗଦାତା ଏବଂ ସେମାନଙ୍କ ପରିବାରକୁ ସମ୍ମାନ ଜଣାଇ ୧୦ଜଣ ଅଙ୍ଗଦାତା ପରିବାରକୁ ସୂରଜ ପୁରସ୍କାର ପ୍ରଦାନ କରାଯାଇଛି । ଏହାସହ ସେମାନଙ୍କୁ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ କହିଛନ୍ତି ଅଙ୍ଗଦାନ ଦ୍ୱାରା ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନରେ ନୂତନ ସୂର୍ଯ୍ୟୋଦୟ ଆସିପାରିବ । ସେ କହିଛନ୍ତି ଅଙ୍ଗଦାନ ଓ

ଏହାର ପ୍ରତିରୋପଣ ପାଇଁ ଆବଶ୍ୟକ ଭିତ୍ତିଭୂମି, ମାନବସମ୍ବଳ ଓ ଅନ୍ୟ ସୁବିଧା ଯୋଗାଇ ଦେବା ପାଇଁ ସରକାର ଜୀବନ ଉପହାର ନାମକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟରେ ବର୍ତ୍ତମାନ ୧୪ଟି ଚିକିତ୍ସାଳୟକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ପଞ୍ଜିକୃତ କରାଯାଇଛି । ରାଜ୍ୟରେ ୨୯ଜଣ ମୃତକ ଅଙ୍ଗଦାନ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

# ‘ଗୌରବ’ର ସଫଳ ପରୀକ୍ଷଣ

ଭଦ୍ରକ ଜିଲ୍ଲା ଧାମରାର ହ୍ୱିଲର ଦ୍ୱିପରୁ ଡିଆର୍‌ଡିଏ ପକ୍ଷରୁ ଦୂର ଲକ୍ଷ୍ୟଭେଦ କ୍ଷମତା ଥିବା ଗ୍ଲାଇଡ୍ ବୋମା ‘ଗୌରବ’ର ପ୍ରଥମ ପରୀକ୍ଷାତ୍ମକ ସଫଳ ପରୀକ୍ଷଣ କରାଯାଇଛି । ବାୟୁସେନାର ସୁଖୋଇ-୩୦ ଏମ୍‌କେ (୧) ଯୁଦ୍ଧବିମାନରୁ ଏହାର ପରୀକ୍ଷଣ କରାଯାଇଥିଲା । ଦୂର ଲକ୍ଷ୍ୟଭେଦ କ୍ଷମତା ରଖିଥିବା ଗୌରବର ଓଜନ ଏକହଜାର କିଲୋଗ୍ରାମ ରହିଛି । ଏହା ଯୁଦ୍ଧବିମାନରୁ ତଳକୁ ନିକ୍ଷେପ କରାଯାଇପାରିବ । ଏହାର ସଫଳ ପରୀକ୍ଷଣ ପରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଡିଆର୍‌ଡିଓର ସମସ୍ତ ବୈଜ୍ଞାନିକ ତଥା ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ମନୋଜ ଆହୁଜା

ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ଅଧକ୍ଷ ଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି । ଏନେଇ ଆଇନ୍ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ ତାଙ୍କୁ ସାଧାରଣ ପ୍ରଶାସନ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିଲା ।

# ପିଏମ୍ ପୋଷଣ ଯୋଜନା

ରାଜ୍ୟରେ ପିଏମ୍ ପୋଷଣ ଯୋଜନା ଅନ୍ତର୍ଗତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛି । ଜିଲ୍ଲାପାଳଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ପରିବହନ କରୁଥିବା ଠିକାଦାର, ଜିଲ୍ଲା ଶିକ୍ଷା ଅଧିକାରୀଙ୍କଠାରୁ ଚାଉଳ ବିତରଣ ସମ୍ବନ୍ଧୀୟ ବିବରଣୀ ଗ୍ରହଣ କରି ନିଜସ୍ୱ ପରିବହନ ଯାନ ଦ୍ୱାରା ପୋଷଣଯୁକ୍ତ ଚାଉଳ ବିଦ୍ୟାଳୟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ରାଜ୍ୟ ଯୋଗାଣ ନିଗମରୁ ଉତ୍ତମମାନର ଚାଉଳ ଉଠାଣ କରାଯିବାକୁ ରାଜ୍ୟ ସରକାର କହିଛନ୍ତି ।

# ସ୍ୱଚ୍ଛ ରାଜ୍ୟ

ଓଡ଼ିଶାକୁ ଦେଶର ସବୁଠାରୁ ସ୍ୱଚ୍ଛ ରାଜ୍ୟରେ ପରିଣତ କରିବା ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାର ସମୟ ଆସିଛି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସ୍ୱଚ୍ଛ ଭାରତ ମିଶନର ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ କହିଛନ୍ତି । ଗୋପାଳପୁରଠାରେ ସ୍ୱଚ୍ଛ ସର୍ବେକ୍ଷଣର ଜୋନ୍‌ସ୍ତରୀୟ କର୍ମଶାଳାରେ ଯୋଗଦେଇ ଶ୍ରୀ ପାଟିଲ କହିଛନ୍ତି ସ୍ୱଚ୍ଛ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ପୌରପାଳିକା ମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ । ଏଥିପାଇଁ ଜନ ଭାଗିଦାରୀ ବୃଦ୍ଧି କରିବାକୁ ହେବ ବୋଲି ସେ କହିଛନ୍ତି ।

# ଝୁଲଣ ଯାତ୍ରା

ପୁରୀ ଶ୍ରୀମନ୍ଦିରରେ ଆଜି ଝୁଲଣଯାତ୍ରାର ଶୁଭାରମ୍ଭ ସହ ବାଡି ନୃସିଂହ ବିଜେନୀତି ଅନୁଷ୍ଠିତ ହେବ । ପରମ୍ପରା ଅନୁଯାୟୀ ଶ୍ରୀ ନୃସିଂହ ମହାପ୍ରଭୁ ଶ୍ରୀମନ୍ଦିରରୁ ବାହାରି ଶ୍ରୀକ୍ଷେତ୍ର ପରିକ୍ରମା କରିବେ । ମୁକ୍ତିମଣ୍ଡପଠାରେ ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ ଝୁଲଣରେ ବିଜେ ହେବେ । ୭ ଦିନ ଧରି ଠାକୁରଙ୍କର ଏହି ବର୍ଷାକାଳୀନ ରାହାସ ଉତ୍ସବ ପାଳନ କରାଯିବ ।

# ପାଣିପାଗ

ରାଜ୍ୟରେ ସକ୍ରିୟ ମୌସୁମୀର ପ୍ରଭାବରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୯ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତକାଲି ବାଲେଶ୍ୱରରେ ସର୍ବାଧିକ ୬୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।